| | |
|---|---|
| PUBLICATION NAME : | Samaja |
| EDITION : | Bhubaneswar |
| DATE : | 10/12/2022 |
| PAGE: | 8 |

# ହସ୍ତତନ୍ତର ପ୍ରୋତ୍ସାହନ ଲାଗି କର୍ପୋରେଟ ସଂସ୍ଥା ଆଗେଇ ଆସନ୍ତୁ: ରାଜ୍ୟପାଳ



## ହସ୍ତତନ୍ତ ପୋଷାକରେ ଚମକିଲେ ମଡେଲ
## ନଅ ଜଣ ବୁଣାକାର ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୯।୧୨(ନି.ପ୍ର): ୱାର୍ଲଡ୍ ଟ୍ରେଡ୍ ସେଣ୍ଟର (ଡବ୍ଲ୍ୟୁଟିସି) ପକ୍ଷରୁ କଳା ଭୂମିରେ ଶୁକ୍ରବାର ସନ୍ଧ୍ୟାରେ ଫ୍ୟାସନ ଶୋ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଡେଲମାନେ ବୁଣାକାରଙ୍କ ପ୍ରସ୍ତୁତ ସୁନ୍ଦର ପୋଷାକ ପିନ୍ଧି ରାମ୍ପ ୱାକ୍ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଓଡ଼ିଶାର ହସ୍ତତନ୍ତ ବହୁ ପ୍ରାଚୀନ। ଏହା ପ୍ରକୃତି ଦ୍ୱାରା ପ୍ରେରିତ। ଏହି ପରମ୍ପରାକୁ ଆହୁରି ପରିପୁଷ୍ଟ କରିବା ସହ ବିଶ୍ୱରେ କିପରି ଲୋକପ୍ରିୟ ହୋଇପାରିବ ସେଥିପାଇଁ ସବୁ ସ୍ତରରେ ଯୋଜନା ହେବା ଆବଶ୍ୟକ। ଏଥିପାଇଁ କର୍ପୋରେଟ ସେକ୍ଟର ହସ୍ତତନ୍ତକୁ ପ୍ରୋତ୍ସାହିତ କରିବା ପାଇଁ ଆଗେଇ ଆସିବା ଦରକାର। ଡବ୍ଲ୍ୟୁଟିସି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶିକା ନିମେଶିକା ନଟରାଜନ କହିଥିଲେ ଓଡ଼ିଶାର ହସ୍ତତନ୍ତ ଏବଂ ନିରନ୍ତର ଫ୍ୟାସନର ପ୍ରସାର ଏବଂ ହସ୍ତତନ୍ତ ଉତ୍ପାଦକୁ ଆନ୍ତର୍ଜାତିକ ବଜାରରେ ପହଞ୍ଚାଇବା ଲାଗି ୱାର୍ଲଡ ଟ୍ରେଡ୍ ସେଣ୍ଟର ପକ୍ଷରୁ ଉଦ୍ୟମ ଜାରି ରହିଛି। ଡବ୍ଲ୍ୟୁଟିସି ଭୁବନେଶ୍ୱରର ପରାମର୍ଶଦାତା ପଞ୍ଚମି ମାନୋ ଉକିଲ୍ ବିବରଣୀ ପ୍ରଦାନ କରିଥିବା ବେଳେ ଡ. ରୀନା ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ । ହସ୍ତତନ୍ତ, ବୟନ ଓ ହସ୍ତକଳା ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାସନ ଟେକ୍ନୋଲୋଜିର ପ୍ରଫେସର ବି. ବି. ଜେନା ଏବଂ ଅହମ୍ମଦାବାଦସ୍ଥିତ ଏଣ୍ଟରପ୍ରେନ୍ୟୁଅରସିପ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଡାଇରେକ୍ଟର ଜେନେରାଲ୍ ଡ. ସୁନିଲ ଶୁକ୍ଳା ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟର ୯ଜଣ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ଣରେ ପ୍ରଦର୍ଶନୀକୁ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉଦ୍‌ଘାଟନ କରିଥିଲେ। ବୟନ ଉପ ନିର୍ଦ୍ଦେଶିକା ମଧୁସ୍ମିତା ଦାସ, ପ୍ରଶାସକ ରାଜା ପରିଜା, ଜାତୀୟ ପୁରସ୍କାର ବିଜୟିନୀ ବୁଣାକାର ସୁକାନ୍ତି ମେହେର ଏବଂ ବୟନିକାର ବିପଣନ ପ୍ରବନ୍ଧକ ଅର୍ଥ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବୁଣାକାରଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ ।